ପାଠ-୧୬

# ବାରମାସର ନାମ ଜାଣିବା




ଦଶହରା ଛୁଟି ହୋଇଥାଏ । ସୋନାଲି ଓ ଶେଖର ବାପା ମା'ଙ୍କ ସାଂଗରେ ଦିଲ୍ଲୀ ବୁଲି ବାହାରିଲେ । ସେମାନେ ରବିବାର ସକାଳୁ ଭୁବନେଶ୍ୱର ରେଳଷ୍ଟେସନରୁ ରେଳଗାଡ଼ିରେ ଚଢ଼ିଲେ । ରବିବାର ଦିନ ସାରା ରେଳଗାଡ଼ି ଚାଲିଲା । କେତେ କ'ଣ ଜିନିଷ ବିକ୍ରି ଆସୁଥାଏ । ବାପା ଥରକୁ ଥର ଆଇସ୍‌କ୍ରିମ୍, ଭଜାବୁଟ, ବାଦାମ ଇତ୍ୟାଦି କିଣି ଦେଲେ । ସେମାନେ ଗାଡ଼ିରେ ବହୁତ ମଜା କଲେ । ସୋମବାର ଦିନ ସଂଧ୍ୟାରେ ସେମାନେ ଦିଲ୍ଲୀରେ ପହଞ୍ଚିଲେ । ସେଠାରେ ମାମୁଘରେ ରହିଲେ । ତିନିଦିନ ବୁଲାବୁଲି କରି ଶୁକ୍ରବାର ଦିନ ଦିଲ୍ଲୀରୁ ବାହାରି ଶନିବାର ଦିନ ଘରେ ପହଞ୍ଚିଲେ ।

**ଏବେ ତୁମେ କୁହ –**

- ସୋନାଲି ଓ ଶେଖର କେଉଁ ଦିନ ରେଳଗାଡ଼ିରେ ଚଢ଼ିଲେ ?
- କେଉଁ ଦିନ ସେମାନେ ଦିଲ୍ଲୀରେ ପହଞ୍ଚିଲେ ?
- କେଉଁ କେଉଁ ଦିନ ସେମାନେ ଦିଲ୍ଲୀରେ ବୁଲିଲେ ?
- କେଉଁ ଦିନ ସେମାନେ ଦିଲ୍ଲୀରୁ ବାହାରିଲେ ?
- କେଉଁ ଦିନ ଘରେ ପହଞ୍ଚିଲେ ?

ଆସ, ଖାଲି ଘରେ ସପ୍ତାହର ବାରଗୁଡ଼ିକର ନାମ କ୍ରମରେ ଲେଖିବା –

| | | | | | | |
|---|---|---|---|---|---|---|
| | | ମଙ୍ଗଳବାର | | | | |

ଆସ ତଳ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖିବା ।

- ମଙ୍ଗଳବାର ପରେ କେଉଁ ବାର ପଡ଼େ ? ..............................
- ମଙ୍ଗଳବାରର ପୂର୍ବ ବାରଟିର ନାମ କ'ଣ ? ..............................
- ରବିବାର ପରେ କେଉଁ ବାର ଆସେ ? ..............................
- ବୁଧବାର ଓ ଶୁକ୍ରବାର ମଝିରେ କେଉଁ ବାର ପଡ଼ିଥାଏ ? ..............................
- ସୋମବାର ଓ ଗୁରୁବାର ମଝିରେ କେଉଁ କେଉଁ ବାର ଥାଏ ? ..............................
- ସୋମବାରର ତିନିଦିନ ପରେ କେଉଁ ବାର ପଡ଼ିବ ? ..............................
- ଆସନ୍ତାକାଲି କେଉଁ ବାର ହେବ ? ..............................
- ଗତକାଲି କେଉଁ ବାର ପଡ଼ିଥିଲା ? ..............................

ଆମ ଶ୍ରେଣୀ ରୁଟିନ୍



ଦ୍ୱିତୀୟ ଶ୍ରେଣୀ

| ଦିନ / ପିରିଅଡ଼ | ୧ମ | ୨ୟ | ୩ୟ | ୪ର୍ଥ | ୫ମ | ୬ଷ୍ଠ |
|---|---|---|---|---|---|---|
| ସୋମବାର | ଭାଷା | ଗଣିତ | ଚିତ୍ରାଙ୍କନ | ପରିବେଶପାଠ | ଭାଷା | ଖେଳ |
| ମଙ୍ଗଳବାର | ଭାଷା | ଗଣିତ | ହସ୍ତକର୍ମ | ପରିବେଶପାଠ | ଭାଷା | ଖେଳ |
| ବୁଧବାର | ଭାଷା | ଗଣିତ | ହସ୍ତକର୍ମ | ପରିବେଶପାଠ | ଭାଷା | ବଗିଚା କାମ |
| ଗୁରୁବାର | ଭାଷା | ଗଣିତ | ଚିତ୍ରାଙ୍କନ | ପରିବେଶପାଠ | ଗୀତ ଓ ନାଚ | ବଗିଚା କାମ |
| ଶୁକ୍ରବାର | ଭାଷା | ଗଣିତ | ଗୀତ ଓ ନାଚ | ଭାଷା | ପରିବେଶପାଠ | ଖେଳ |
| ଶନିବାର | ଡ୍ରିଲ୍ | ଗଣିତ | ଚିତ୍ରାଙ୍କନ | ଭାଷା | ମାଟିକାମ | ବଗିଚା କାମ |

ରୁଟିନ୍‌କୁ ଦେଖି ତଳ କୋଠରିରେ ଉତ୍ତର ଲେଖ ।

| ପଢ଼ାଯାଉଥିବା ବିଷୟ | କେଉଁ କେଉଁ ବାରରେ ପଢ଼ାଯାଉଛି ? |
|---|---|
| ଚିତ୍ରାଙ୍କନ | |
| ବଗିଚା କାମ | |
| ଖେଳ | |
| ହସ୍ତକର୍ମ | |
| ଗୀତ ଓ ନାଚ | |
| ଗଣିତ | |

- ତୁମ ଶ୍ରେଣୀ ରୁଟିନ୍ ସଂଗ୍ରହ କର । ତାହାକୁ ଦେଖି ତଳ ପ୍ରଶ୍ନମାନଙ୍କର ଉତ୍ତର ଲେଖ ।

(କ) କେଉଁ କେଉଁ ଦିନ ରୁଟିନ୍‌ରେ ଖେଳ ପିରିଅଡ଼୍ ଅଛି ? ..............................


(ଖ) ରୁଟିନ୍‌ରେ ନାଚ ଓ ଗୀତ ପାଇଁ ପିରିଅଡ ଅଛି କି ? ହଁ / ନା

ଯଦି ଥାଏ, କେଉଁ କେଉଁ ଦିନ ଅଛି ? ..............................

(ଗ) ରୁଟିନ୍‌ରେ କେଉଁ କେଉଁ ଦିନ ଚିତ୍ରାଙ୍କନ କରିବାକୁ କୁହାଯାଇଛି ? ..............................

## ବାର ମାସର କଥା

ବର୍ଷକ ବାର ମାସ । ବାର ମାସ ଯାକ ନିଜ ନିଜ ମଧ୍ୟରେ କଥାବାର୍ତ୍ତା ହେଉଥିଲେ । ସେମାନେ ନିଜ ନିଜ ବିଷୟରେ କହୁଥିଲେ ।



**ମାର୍ଚ୍ଚ**

ଜାନୁଆରୀ ପରି ମୁଁ ମଧ୍ୟ
୩୧ ଦିନିଆ ।
ମୁଁ ବର୍ଷର ତୃତୀୟ ମାସ ।

**ଏପ୍ରିଲ**

ମାର୍ଚ୍ଚ ମାସ ପରେ ମୁଁ
ଆସିଥାଏ । ମୁଁ ୩୦ଦିନ
ପାଇଁ ଆସିଥାଏ । ମୁଁ ଆସିଲେ
ଅଧିକ ଖରା ହୋଇଥାଏ ।

**ମେ**

ବର୍ଷର ପଞ୍ଚମ ମାସ
ହେଉଛି ମୁଁ । ମୁଁ ୩୧ ଦିନ
ପର୍ଯ୍ୟନ୍ତ ରହେ । ଏହି ସମୟରେ
ବିଦ୍ୟାଳୟ ଗ୍ରୀଷ୍ମଛୁଟି ପାଇଁ
ବନ୍ଦ ହୋଇଥାଏ ।

**ଜୁନ**

ମୁଁ ୩୦ଦିନ ପାଇଁ ଆସିଥାଏ ।
ମୁଁ ବର୍ଷର ଷଷ୍ଠ ମାସ ।
ପିଲାମାନଙ୍କ ପାଇଁ ରଜପର୍ବକୁ
ନେଇ ଆସିଥାଏ । ରଜରେ
ଦୋଳିଖେଳି ପିଲାମାନେ
ଖୁସିହୁଅନ୍ତି ।

**ଜୁଲାଇ**

ବର୍ଷର ସପ୍ତମ ମାସ କହିଲେ
ମୋତେ ବୁଝାଯାଏ । ମୁଁ ୩୧
ଦିନିଆଁ । ମୁଁ ଆସିଲେ
ବର୍ଷାଦିନ ଆରମ୍ଭ
ହୋଇଥାଏ ।

**ଅଗଷ୍ଟ**

ମୁଁ ମଧ୍ୟ ଜୁଲାଇ ମାସ
ପରି ୩୧ ଦିନିଆଁ । ମୋର
ନାମ ଅଗଷ୍ଟ । ଏହି ମାସରେ
ସ୍ୱାଧୀନତା ଦିବସ ପାଳନ
କରାଯାଇଥାଏ ।

**ସେପ୍ଟେମ୍ବର**

ମୁଁ ଗୋଟିଏ ୩୦ ଦିନିଆଁ
ମାସ । ବର୍ଷର ନବମ ମାସ,
ଏହି ମାସରେ ଗୁରୁଦିବସ
ପାଳନ କରାଯାଏ ।

**ଅକ୍ଟୋବର**

ମୁଁ ଅକ୍ଟୋବର ।
ବର୍ଷର ଦଶମ ମାସ ।
ମୁଁ ୩୧ ଦିନ ପାଇଁ
ଆସିଥାଏ ।

**ନଭେମ୍ବର**

ମୁଁ ଗୋଟିଏ ୩୦ ଦିନିଆ
ମାସ । ଏହି ମାସରେ
ଶିଶୁଦିବସ
ପାଳନ କରାଯାଏ ।

**ଡିସେମ୍ବର**

ମୁଁ ବର୍ଷର ଶେଷ ମାସ ।
ମୁଁ ୩୧ ଦିନ ପାଇଁ
ଆସିଥାଏ । ମୁଁ ବିଦାୟ ନେଲେ
ଗୋଟିଏ ବର୍ଷ ଶେଷ
ହୋଇଥାଏ ।

ବର୍ଷର ବାରଟି ଯାକ ମାସ କ'ଣ କ'ଣ କହୁଥିଲେ ଜାଣିଲ । ଏବେ ତଳ ପ୍ରଶ୍ନମାନଙ୍କର ଉତ୍ତର ଲେଖ-

(କ) କେଉଁ ମାସଟି ଇଂରାଜୀ ବର୍ଷର ପ୍ରଥମ ମାସ ? ..............................

(ଖ) କେଉଁ ମାସଟି ଇଂରାଜୀ ବର୍ଷର ଶେଷ ମାସ ? ..............................

(ଗ) କେଉଁ କେଉଁ ମାସଗୁଡ଼ିକ ୩୧ ଦିନିଆଁ ? ..............................

(ଘ) କେଉଁ କେଉଁ ମାସଗୁଡ଼ିକ ୩୦ ଦିନିଆଁ ? ..............................

- ଲିପି, ହାସିନା ଓ ଜର୍ଜ ସେମାନଙ୍କର ପ୍ରିୟ ମାସ ସଂପର୍କରେ କଥାହେଉଥିଲେ-



ମେ ଓ ଜୁନ୍ ମାସ ହେଉଛି ମୋର ପ୍ରିୟମାସ । ଏହି ସମୟରେ ଅଧିକ ଆମ୍ବ ଖାଇବାକୁ ମିଳିଥାଏ ।



ଲିପି



ମୋତେ କିନ୍ତୁ ଜୁଲାଇ ଓ ଅଗଷ୍ଟ ମାସ ବହୁତ ଭଲଲାଗେ । ବର୍ଷା ହେଲେ ଗାଁ ଦାଣ୍ଡରେ ମୁଁ କାଗଜଡଙ୍ଗା ଭସାଏ ।



ହାସିନା



ମୋତେ ଡିସେମ୍ବର ମାସ ସବୁଠାରୁ ଅଧିକ ଭଲ ଲାଗେ । ବଡ଼ଦିନରେ ମୋ ପାଇଁ ନୂଆ ପୋଷାକ ଆସେ ।



ଜର୍ଜ

- ତୁମକୁ ବର୍ଷର କେଉଁ ମାସ ସବୁଠାରୁ ଅଧିକ ଭଲଲାଗେ ? କାହିଁକି ? ______________

ତଳେ ଦିଆଯାଇଥିବା ଚିତ୍ରରେ ହେଉଥିବା କାମଗୁଡ଼ିକ କେଉଁ ମାସ ସହ ସଂପୃକ୍ତ ବୋଲି ଭାବୁଛ ଲେଖ ।










ଜାଣିଛ କି ?



ଆମେ ଅକ୍ଟୋବର ମାସ ୨ ତାରିଖକୁ ଗାନ୍ଧୀ ଜୟନ୍ତୀ କହିଥାଉ । ଏହି ଦିନ ମହାତ୍ମା ଗାନ୍ଧୀ ଜନ୍ମ ହୋଇଥିଲେ ।



ନଭେମ୍ବର ମାସ ୧୪ ତାରିଖରେ ଶିଶୁ ଦିବସ ପଡ଼ିଥାଏ । ଏହା ଜବାହରଲାଲ ନେହେରୁଙ୍କ ଜନ୍ମ ଦିନ ।



ଆମେ ଜାନୁଆରୀ ମାସ ୨୩ ତାରିଖକୁ ନେତାଜୀ ଜୟନ୍ତୀ କହିଥାଉ । ଏହି ଦିନ ନେତାଜୀ ସୁଭାଷ ଚନ୍ଦ୍ର ବୋଷ କଟକଠାରେ ଜନ୍ମ ଗ୍ରହଣ କରିଥିଲେ ।




ଅପ୍ରେଲ ମାସ ୧ ତାରିଖକୁ ଉତ୍କଳ ଦିବସ ଭାବେ ପାଳନ କରାଯାଏ ।

● ତୁମର ଦଶଜଣ ସାଙ୍ଗଙ୍କ ନାମ ତଳ ସାରଣୀରେ ଲେଖ । ସେମାନଙ୍କୁ ପଚାରି ବୁଝି ସେମାନଙ୍କ କେଉଁ ମାସରେ ଜନ୍ମ ହୋଇଛନ୍ତି ଲେଖ ।



| ସାଙ୍ଗଙ୍କ ନାମ | ଜନ୍ମ ମାସର ନାମ |
|---|---|
| | |
| | |
| | |
| | |
| | |
| | |
| | |
| | |
| | |
| | |



ତୁମର ଜନ୍ମ ମାସ ଓ ଜନ୍ମ ତାରିଖ ଘରଲୋକଙ୍କୁ ପଚାରି ବୁଝ ଓ ଲେଖ ।

ଜନ୍ମ ମାସ ______ ଜନ୍ମ ତାରିଖ ______

## ଓଡ଼ିଆ ମାସର କଥା–

ଆମେ ଇଂରାଜୀ ବାର ମାସର ନାମ ଜାଣିଲେ। ସେହିପରି ଓଡ଼ିଆରେ ମଧ୍ୟ ମାସମାନଙ୍କର ନାମକରଣ କରାଯାଇଛି। ବର୍ଷକ ଛଅ ଋତୁ ଓ ବାରମାସର ନାମ ତଳେ ଦିଆଯାଇଛି। ସେଗୁଡ଼ିକୁ ଦେଖ।



| ଗ୍ରୀଷ୍ମଋତୁ | |
|---|---|
| ବୈଶାଖ | ଜ୍ୟେଷ୍ଠ |



| ବର୍ଷାଋତୁ | |
|---|---|
| ଆଷାଢ଼ | ଶ୍ରାବଣ |



| ଶରତଋତୁ | |
|---|---|
| ଭାଦ୍ରବ | ଆଶ୍ୱିନ |



| ହେମନ୍ତଋତୁ | |
|---|---|
| କାର୍ତ୍ତିକ | ମାର୍ଗଶୀର |



| ଶୀତଋତୁ | |
|---|---|
| ପୌଷ | ମାଘ |



| ବସନ୍ତଋତୁ | |
|---|---|
| ଫାଲ୍‌ଗୁନ | ଚୈତ୍ର |

- ଓଡ଼ିଆ ବାରମାସର ନାମକୁ କ୍ରମରେ ଲେଖ।

_____ _____ _____ _____ _____ _____

_____ _____ _____ _____ _____ _____

- ଛଅଟି ଋତୁ ମଧ୍ୟରୁ କେଉଁ ଋତୁଟି ତୁମକୁ ସବୁଠାରୁ ଅଧିକ ଭଲଲାଗେ ? _____

କାହିଁକି ? _____

## ଅଧିକ - କମ୍ ଦିନର ଅବଧି

ଚାରୋଟି ବିଦ୍ୟାଳୟରେ କ୍ରୀଡ଼ା ପ୍ରତିଯୋଗିତା ଗୋଟିଏ ସପ୍ତାହରେ ହୋଇଥିଲା । ଏହାର ଆରମ୍ଭ ଦିନ ଓ ଶେଷଦିନ ତଳ ସାରଣୀରେ ଦିଆଯାଇଛି । ତାହାକୁ ପଢ଼ି ତଳ ପ୍ରଶ୍ନମାନଙ୍କର ଉତ୍ତର ଲେଖ ।

| ବିଦ୍ୟାଳୟର ନାମ | କେଉଁ ଦିନ ଆରମ୍ଭ ହେଲା | କେଉଁ ଦିନ ଶେଷ ହେଲା |
|---|---|---|
| ବନମାଳୀପୁର ଉ.ପ୍ରା | ସୋମବାର | ଗୁରୁବାର |
| ସୋମନାଥପୁର ଉ.ପ୍ରା | ମଙ୍ଗଳବାର | ବୁଧବାର |
| ଗୋବିନ୍ଦପୁର ନୋଡ଼ାଲ୍ | ଗୁରୁବାର | ଶନିବାର |
| କୁସୁପୁର ନୋଡ଼ାଲ | ସୋମବାର | ଶୁକ୍ରବାର |

**ଏବେ କୁହ ଓ ଲେଖ :**

- କେଉଁ ବିଦ୍ୟାଳୟରେ କ୍ରୀଡା ପ୍ରତିଯୋଗିତା କେତେ ଦିନ ହୋଇଥିଲା ? ..................
- କେଉଁ ବିଦ୍ୟାଳୟରେ ସବୁଠାରୁ ଅଧିକ ଦିନ କ୍ରୀଡା ପ୍ରତିଯୋଗିତା ହୋଇଥିଲା ? ..................
- କେଉଁ ବିଦ୍ୟାଳୟରେ ସବୁଠାରୁ କମ୍ ଦିନ କ୍ରୀଡା ପ୍ରତିଯୋଗିତା ହୋଇଥିଲା ? ..................
- କେଉଁ ବିଦ୍ୟାଳୟରେ କ୍ରୀଡା ପ୍ରତିଯୋଗୀତା ୩ ଦିନ ହୋଇଥିଲା ? ..................

## ଅଭ୍ୟାସ କାର୍ଯ୍ୟ

୧. ମାସର ନାମ ତଳେ ତା'ର କ୍ରମିକ ନମ୍ବର ଲେଖ ।

| ଜାନୁଆରୀ | ମାର୍ଚ୍ଚ | ଜୁନ୍ | ଅଗଷ୍ଟ | ଫେବୃଆରୀ | ଅକ୍ଟୋବର |
|---|---|---|---|---|---|
| | ୩ | | | | |

| ଅପ୍ରେଲ୍ | ମେ | ଡିସେମ୍ବର | ନଭେମ୍ବର | ସେପ୍ଟେମ୍ବର | ଜୁଲାଇ |
|---|---|---|---|---|---|
| | | | | | |

୨. ମନିଷାର ଗୋଟିଏ ସପ୍ତାହର କାମ -

ସୋମବାର




ମଙ୍ଗଳବାର



ବୁଧବାର



ଗୁରୁବାର



ଶୁକ୍ରବାର



ଶନିବାର



ରବିବାର




ମନିଷା କେଉଁଦିନ କେଉଁ କାମ କରୁଛି ଲେଖ-

(କ) ସାଇକେଲ୍ ଚଲେଇଛି ________ (ଘ) ପାଠାଗାରକୁ ଯାଉଛି ________

(ଖ) ଖେଳୁଛି ________ (ଙ) ଗପବହି ପଢୁଛି ________

(ଚ) ପହଁରୁଛି ________ (ଚ) ଭୋଜିରେ ଖାଉଛି ________

୩. ନିମ୍ନଲିଖିତ ପର୍ବଗୁଡ଼ିକ କେଉଁ ମାସରେ ପଡ଼ିଥାଏ ଲେଖ ।

ବଡ଼ଦିନ ________ ସ୍ୱାଧୀନତା ଦିବସ ________

ରଜପର୍ବ ________ ସାଧାରଣତନ୍ତ୍ର ଦିବସ ________

ଶିଶୁଦିବସ ________ ଗୁରୁଦିବସ ________

ଗାନ୍ଧୀ ଜୟନ୍ତୀ ________ ଉତ୍କଳ ଦିବସ ________